# ‘ଆମ ଓଡ଼ିଶା’ ରକ୍ତଦାନ ଅଭିଯାନ

# ଭିଆଇପି ଏରିଆ ଶିବିରରେ ୧୩୭ ୟୁନିଟ୍ ରକ୍ତ ସଂଗୃହୀତ

ଇଷ୍ଟର୍ଣ୍ଣମିଡ଼ିଆ ଲିମିଟେଡ଼ର ନିର୍ଦ୍ଦେଶିକା ତନୟା ପଟ୍ଟନାୟକଙ୍କ ଜନ୍ମଦିନ ଅବସରରେ ଆୟୋଜିତ ‘ସମ୍ବନ୍ଧ’ କାର୍ଯ୍ୟକ୍ରମରେ ଆମ ଓଡ଼ିଶା ତରଫରୁ ଏକ ବିଶେଷ ରକ୍ତଦାନ ଶିବିର ଭିଆଇପି ଏରିଆ ପ୍ଲଟ୍ ନମ୍ବର ୧୮୫/୧୮୬ରେ ଆୟୋଜିତ ହୋଇଯାଇଛି । ଏହି ରକ୍ତଦାନ ଶିବିରରେ ୧୩୭ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି ।

ଏଥିରେ ୱାର୍ଡ଼ ନଂ- ୧୦ର ରେଣ୍ଟାଲ କଲୋନିସ୍ଥିତ ‘ଶକ୍ତିମୟୀ ୱାର୍ଡ଼ ମିସନ ଶକ୍ତି ମହାସଂଘ’ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଯୋଗଦେଇ ରକ୍ତଦାନ କରିଥିଲେ । ଏହି ଅବସରରେ ସମ୍ବାଦ, ଆମ ଓଡ଼ିଶା, କନକ ଟିଭି, ରେଡ଼ିଓ ଚକଲେଟ୍, ଇଷ୍ଟର୍ଣ୍ଣମିଡ଼ିଆ ଏଣ୍ଟରଟେନମେଣ୍ଟ ଡ଼ିଭିଜନର କର୍ମକର୍ତ୍ତାମାନେ ଉପସ୍ଥିତ ରହି ରକ୍ତଦାନ କରିଥିଲେ । ରକ୍ତଦାନ ଶିବିରକୁ ବିଏମସି ବ୍ଲଡ୍ ବ୍ୟାଙ୍କର ଡ଼ାକ୍ତର ରାଖଲ ଚନ୍ଦ୍ର ବେହେରା ଓ ତାଙ୍କ ଟିମ୍ ପରିଚାଳନା କରିଥିଲେ ।